## କିଏ ଆପଣଙ୍କଠାରୁ କିଣିବେ ?

- ଯାନ୍ତ୍ରିକ ଉପାୟରେ ତଳି ରୋଇବା ପାଇଁ ଚାହୁଁଥିବା କୃଷକମାନେ ।
- ତଳି ପ୍ରସ୍ତୁତ ନ କରି ଧାନରୁଆଯନ୍ତ୍ର ଭଡାରେ ଲଗାଉଥିବା ବ୍ୟକ୍ତିମାନେ ।




## କୃଷିଜୀବୀ ମହିଳାଙ୍କ ପାଇଁ ଏକ ବ୍ୟବସାୟିକ ସୁଯୋଗ



କୃଷିଜୀବୀ ମହିଳା ଓ ବେକାର ଯୁବକଯୁବତୀମାନେ ମ୍ୟାଟ ତଳିଘେରା ପ୍ରସ୍ତୁତିକୁ ଏକ ବ୍ୟବସାୟ ଭାବେ ଗ୍ରହଣ କରିପାରିବେ । ସେମାନେ ଗୋଷ୍ଠୀଗତ ଭାବେ ଚାରା ଉତ୍ପାଦନ କରି କୃଷକ ତଥା ସେବା ପ୍ରଦାନକାରୀଙ୍କୁ ବିକ୍ରି କରିପାରିବେ ।

ଶସ୍ୟଜାତୀୟ ଫସଲ ଉତ୍ପାଦନର ତ୍ୱରାନିତ ବିକାଶ ଏବଂ ତା ଦ୍ୱାରା ବଙ୍ଗଳାଦେଶ, ଭାରତ ଓ ନେପାଳର ଚାଷୀଭାଇମାନଙ୍କର ଖାଦ୍ୟ ନିରାପତ୍ତା ଓ ଜୀବନ ଜିବିକା ପାଇଁ ସିଶାର ଏହା ଉଦ୍ୟମ ।

ସରକାରୀ-ବେସରକାରୀ ସଂସ୍ଥା ସହିତ ମିଶି ସିଶା (CSISA) ସାଧନ ସଂରକ୍ଷଣ ଏବଂ ଜଳବାୟୁ ପ୍ରତିରୋଧକ ଶକ୍ତି କୃଷି ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଉପରେ କାର୍ଯ୍ୟ କରୁଅଛି ।

ୟୁଏସ୍ଏଡ୍ (USAID) ଓ ବିଏମ୍ଜିଏଫ୍ (BMGF) ଦ୍ୱାରା ସାହାଯ୍ୟ ପ୍ରାପ୍ତ ଏହି ପ୍ରକଳ୍ପଟି ଆନ୍ତର୍ଜାତିକ ଗହମ ଉନ୍ନୟନ କେନ୍ଦ୍ର (CIMMYT) କେନ୍ଦ୍ରର ତତ୍ତ୍ୱାବଧାନରେ ଏବଂ ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା କେନ୍ଦ୍ର (IFPRI) ଓ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର (IRRI) ର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଅଛି ।

www.csisa.org


© ଏହି ପ୍ରକାଶନ ସିରିଏଲ ସିଷ୍ଟମ୍ସ ଇନିସିଏଟିଭ ଫର ସାଉଥ ଏସିଆ (CSISA) ଫେଜ ୨ ଦ୍ୱାରା ପ୍ରସ୍ତୁତ । ଆନ୍ତର୍ଜାତୀୟ ମକା ଓ ଗହମ ଉନ୍ନୟନ୍ନ କେନ୍ଦ୍ର (CIMMYT) ଏବଂ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (IRRI) ୨୦୧୫ ଦ୍ୱାରା ସର୍ବସ୍ୱତ୍ତ ସଂରକ୍ଷିତ । ଅଣବ୍ୟବସାୟିକ ଭାଗିଦାରିତା ଭିତ୍ତିରେ ସାଧାରଣଙ୍କ ସୃଜନଶୀଳ ଅବଦାନ ନିମନ୍ତେ ବ୍ୟବହାର ପାଇଁ ଲାଇସେନ୍ସ ପ୍ରାପ୍ତ ।

ଏହି ପ୍ରକାଶନରେ ପ୍ରଦତ୍ତ ତଥ୍ୟ ବିବରଣୀ ଓ ମତାମତ କୌଣସି ଦେଶ, ବ୍ୟକ୍ତି, ଭୂଭାଗ ବା ଅଞ୍ଚଳ, କର୍ତ୍ତୃପକ୍ଷ ବା କୌଣସି ସୀମା ସମ୍ପର୍କିତ ଆଇନଗତ ସ୍ଥିତି ବିଷୟରେ ଉଲ୍ଲେଖ କରୁଥିଲେ ତାହାକୁ ସିମିଟ ବା ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମତାମତ ବୋଲି ଗ୍ରହଣ କରାଯିବ ନାହିଁ । କୌଣସି ଉତ୍ପାଦର ବ୍ୟବସାୟିକ ନାମ ପ୍ରଦାନ କରାଯାଇଥିଲେ, ଏହାକୁ ସିମିଟ ବା ଆନ୍ତର୍ଜାତୀକ ଧାନ ଗବେଷଣା ପ୍ରତିଷ୍ଠାନର ସୁପାରିଶ ବା କୌଣସି ଉତ୍ପାଦ ବିରୁଦ୍ଧରେ ପକ୍ଷପାତିତା ବୋଲି ଭାବିବାକୁ ହେବ ନାହିଁ ।


USAID FROM THE AMERICAN PEOPLE

CSISA Cereal Systems Initiative for South Asia

BILL & MELINDA GATES foundation



# ଚାଷକୁ ବ୍ୟବସାୟ କରିବା ପାଇଁ

# ମ୍ୟାଟ ତଳିଘେରା କରନ୍ତୁ ଭାଇ

ଓଡ଼ିଶାରେ ଯାନ୍ତ୍ରିକ ପଦ୍ଧତିରେ ତଳି ରୋଇବା ପାଇଁ କୃଷକମାନେ ଆଗ୍ରହୀ ହୋଇଛନ୍ତି । ଅଧିକରୁ ଅଧିକ ସଂଖ୍ୟାରେ କୃଷକ ଧାନରୁଆ ଯନ୍ତ୍ର ବ୍ୟବହାର କରୁଛନ୍ତି । ଯାନ୍ତ୍ରିକ ପଦ୍ଧତିରେ ଧାନ ରୋଇବା ପାଇଁ ମ୍ୟାଟ ତଳିଘେରା (ମ୍ୟାଟ ନର୍ସରୀ) କରିବା ନିହାତି ଦରକାର । ଅନେକ କୃଷକ ଓ ସେବା ପ୍ରଦାନକାରୀ ଏହାକୁ ଏକ ବ୍ୟବସାୟ ଭାବେ ଗ୍ରହଣ କରି ମ୍ୟାଟ ତଳିଘେରାରୁ ଚାରା ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଏହି ପତ୍ରିକାଟି ମ୍ୟାଟ ନର୍ସରୀ ପ୍ରସ୍ତୁତି ବିଷୟରେ ବିଶେଷ ସୂଚନା ଦେବା ସହ ଏଥିରେ ଆବଶ୍ୟକ ଖର୍ଚ୍ଚ ଓ ଲାଭକୁ ସହଜ ଭାବରେ ବୁଝାଇଛି ।

CIMMYT International Maize and Wheat Improvement Center

IFPRI


IRRI

# ମ୍ୟାଟ ତଳିଘେରା କ'ଣ ?

କଣା ହୋଇଥିବା ଗୋଟିଏ ପଲିଥିନ ଉପରେ ପତଳା ଭାବେ ମାଟି ଓ ସଢାଖତର ଆସ୍ତରଣ (ଆର୍ଦ୍ର ତଳିଘେରା) ବା କମ୍ପୋଷ୍ଟ ମିଶ୍ରଣ (ଶୁଷ୍କ ତଳିଘେରା) ଦ୍ୱାରା ଧାନ ତଳି ପ୍ରସ୍ତୁତି କରିବାକୁ ମ୍ୟାଟ ତଳିଘେରା କୁହାଯାଏ । ପଲିଥିନ ଯୋଗୁଁ ଚାରାର ଚେର ତଳକୁ ଯାଇପାରେ ନାହିଁ ଏବଂ ବହଳିଆ ମ୍ୟାଟ ସୃଷ୍ଟି କରିଥାଏ । ଧାନରୁଆ ଯନ୍ତ୍ରରେ ବ୍ୟବହାର ପାଇଁ ଏହିପରି ତଳି ଆବଶ୍ୟକ । ଧାନରୁଆ ଯନ୍ତ୍ରର ଟ୍ରେ ରେ ରହିବା ନିମନ୍ତେ ଏହି ମ୍ୟାଟକୁ ଉପଯୁକ୍ତ ଆକାରରେ କଟାଯାଇଥାଏ । ବୁଣିବାର ୧୪-୧୮ ଦିନ ମଧ୍ୟରେ ଏହି ତଳି ପ୍ରସ୍ତୁତ ହୋଇଥାଏ ।

# ମନେରଖନ୍ତୁ

- ରୋଇବାର ୧୫-୨୦ ଦିନ ପୂର୍ବରୁ ମ୍ୟାଟ ତଳିଘେରା ପ୍ରସ୍ତୁତ କରନ୍ତୁ ।
- ଏକ ଏକର ପାଇଁ ତଳି ପ୍ରସ୍ତୁତ କରିବା ନିମନ୍ତେ ୧୫ କିଲୋଗ୍ରାମ ଅଧିକ ଅମଳକ୍ଷମ ବିହନ ଆବଶ୍ୟକ ହୋଇଥାଏ ।
  ତଳି ପଟାଳିର ଆକାର : ୧.୫ ମିଟର x ୨୦ ମିଟର
  ମ୍ୟାଟର ଆକାର : ୧.୨ ମିଟର x ୨୦ ମିଟର
- ତଳି ପଟାଳି ଚାରିପଟରେ ପାଣି ନାଳର ଆକାର : ୩୦ ସେଣ୍ଟିମିଟର ଓସାର ଓ ୧୫ ସେଣ୍ଟିମିଟର ଗଭୀର କବକ ଜନିତ ରୋଗ ପ୍ରତିଷେଧ ପାଇଁ ପ୍ରତି କିଲୋଗ୍ରାମ ବିହନ ସହିତ ୨ ଗ୍ରାମ ବାଭିଷ୍ଟିନ ବା ଭିଟାଭାକ୍ସ ମିଶାଇ ବିଶୋଧନ କରାଯାଇପାରେ । ପ୍ରଥମେ କବକ ନାଶକ ଔଷଧ ମିଶା ପାଣିରେ ବିହନକୁ ୧୦-୧୨ ଘଣ୍ଟା ଭିଜାଯାଉ । ଏହାକୁ ଅଖାରେ ରଖି ୧୨-୧୪ ଘଣ୍ଟା ଛାଇ ସ୍ଥାନରେ ରଖାଯାଉ । ପରେ ୧-୨ ଘଣ୍ଟା ଛାଇରେ ଶୁଖାଯାଉ ।




- ଗଜା ହେବା ଆରମ୍ଭ ହେଲେ ବୁଣିବା ପାଇଁ ଏହା ଉପଯୁକ୍ତ ହୋଇଥାଏ । ବୁଣିବାର ଏକ ସପ୍ତାହ ପରେ ଏକର ପାଇଁ ଉଦ୍ଦିଷ୍ଟ ତଳି ପଟାଳିରେ ୧୦୦ ଗ୍ରାମ ଡିଏପି ସାର ପ୍ରୟୋଗ କରନ୍ତୁ ।
- ଚାରା ଗଛ ହେବା ପର୍ଯ୍ୟନ୍ତ ପ୍ରଥମ ୩-୪ ଦିନ ଝରା ସାହାଯ୍ୟରେ ତଳି ପଟାଳିରେ ପାଣି ସିଞ୍ଚନ କରନ୍ତୁ । ଏହାପରେ ପାଣି ନାଳ ସାହାଯ୍ୟରେ ଜଳସେଚନ କରାଯାଇପାରେ । ତଳି ରୋଇବାର ୧୨ ଘଣ୍ଟା ପୂର୍ବରୁ ଜଳସେଚନ କରାଯାଇପାରେ । ତଳି ରୋଇବାର ୧୨ ଘଣ୍ଟା ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ ଓ ଅଧିକ ପାଣି ଥିଲେ ଜଳ ନିଷ୍କାସନ କରନ୍ତୁ ।
- ଚାରାଗଛ ଗୁଡିକ ୧୮-୨୦ ସେ.ମି. ଉଚ୍ଚର ହେଲେ ତଳି ରୋଇବା ପାଇଁ ଉପଯୁକ୍ତ ହୋଇଥାଏ ।

# ଆର୍ଦ୍ର ମ୍ୟାଟ ଗୋଟିଏ ତଳି ପଟାଳି ପ୍ରସ୍ତୁତି ପାଇଁ ଖର୍ଚ୍ଚ

| ଉପାଦାନ | ବ୍ୟୟ (ଟଙ୍କାରେ) |
|---|---|
| ମଜୁରୀ (ସମତଳ କରିବା, ପଟାଳି ପ୍ରସ୍ତୁତି, ବିହନ ବୁଣିବା) | ୨୦୦-୩୦୦ |
| ପଲିଥିନ ଜରି | ୧୬୦-୧୭୦ |
| ଅଧିକ ଅମଳକ୍ଷମ ବିହନ (ବେଡ ପ୍ରତି ୧୫-୧୮କି.ଗ୍ରା.) (୪୦ ଟଙ୍କା କିଗ୍ରା ପ୍ରତି) | ୬୦୦-୭୨୦ |
| ଜଳସେଚନ | ୫୦-୬୦ |
| ବିବିଧ ଖର୍ଚ୍ଚ (ବିହନ ବିଶୋଧକ, ସାର, ନଡା ଇତ୍ୟାଦି) | ୩୦-୪୦ |
| ମୋଟ | ୮୧୫-୧୦୨୦ |

## ଗୋଟିଏ ପଟାଳିରୁ ବାହାରୁଥିବା ତଳିଖଣ୍ଡର ସଂଖ୍ୟା

*ଭିଏସଟି ଧାନରୁଆ ଯନ୍ତ୍ର ପାଇଁ

୧ ତଳି ଖଣ୍ଡ = ୬୦ ସେମି (ଲମ୍ବ) x ୨୨ସେମି (ଓସାର) = ୧୩୨୦ ବର୍ଗ ସେମି

ଗୋଟିଏ ପଟାଳିରୁ ମିଳିବ = ୨୪୦୦୦୦ / ୧୩୨୦=୧୮୨ଟି ତଳିଖଣ୍ଡ

ଅତି କମ୍‌ରେ ବିକ୍ରି ମୂଲ୍ୟ = ୧୩୦୦-୧୪୦୦ ଟଙ୍କା

*କୁବୋଟା ଧାନରୁଆ ଯନ୍ତ୍ର ପାଇଁ

୧ ତଳିଖଣ୍ଡ = ୬୦ସେମି (ଲମ୍ବ) x ୨୮ସେମି (ଓସାର)=୧୬୮୦ ବର୍ଗସେମି

ଗୋଟିଏ ପଟାଳିରୁ ମିଳିବ= ୨୪୦୦୦୦ / ୧୬୮୦ = ୧୪୩ ତଳିଖଣ୍ଡ

ଅତିକମ୍‌ରେ ବିକ୍ରି ମୂଲ୍ୟ : ୧୩୦୦-୧୪୦୦ ଟଙ୍କା ।

ଗୋଟିଏ ପଟାଳିରୁ ମିଳୁଥିବା ତଳିକୁ ଏକ ଏକର ଜମିରେ ରୁଆଯାଇପାରିବ ।

*ଏହାଦ୍ୱାରା କୌଣସି କମ୍ପାନୀର ସୁପାରିଶ କରାଯାଉ ନାହିଁ ।



ବେଡ ପିଛା ଲାଭ = ବିକ୍ରିମୂଲ୍ୟ - ଖର୍ଚ୍ଚ
= (୧୩୦୦-୧୪୦୦)-(୮୧୫-୧୦୨୦)=୪୮୫-୫୭୦ ଟଙ୍କା

# ଶୁଷ୍କ ମ୍ୟାଟ ଗୋଟିଏ ତଳି ପଟାଳି ପ୍ରସ୍ତୁତି ପାଇଁ ଖର୍ଚ୍ଚ

| ଉପାଦାନ | ବ୍ୟୟ (ଟଙ୍କାରେ) |
|---|---|
| ମଜୁରୀ (ସମତଳ କରିବା, ପଟାଳି ପ୍ରସ୍ତୁତି, ବିହନ ବୁଣିବା) | ୨୫୦-୩୫୦ |
| ପଲିଥିନ ଜରି | ୧୬୦-୧୭୦ |
| ଅଧିକ ଅମଳକ୍ଷମ ବିହନ (ବେଡ ପ୍ରତି ୧୫-୧୮କି.ଗ୍ରା.) (୪୦ ଟଙ୍କା କିଗ୍ରା ପ୍ରତି) | ୬୦୦-୭୨୦ |
| ଜଳସେଚନ୫୦-୬୦ | |
| ବିବିଧ ଖର୍ଚ୍ଚ (ବିହନ ବିଶୋଧକ, ସାର, ନଡା ଇତ୍ୟାଦି) | ୫୦-୬୦ |
| ମୋଟ | ୮୮୫-୧୦୯୦ |

## ଉଭୟ ଆର୍ଦ୍ର ଓ ଶୁଷ୍କ ତଳିଘେରାରୁ ବାହାରୁଥିବା ତଳିଖଣ୍ଡର ସଂଖ୍ୟା ଓ ବିକ୍ରିମୂଲ୍ୟ ସମାନ ରହଥାଏ ।






ପଟାଳି ପିଛା ଲାଭ = ବିକ୍ରି ମୂଲ୍ୟ - ଖର୍ଚ୍ଚ
=(୧୩୦୦-୧୪୦୦)-(୮୮୫-୧୦୯୦)=୪୧୫-୫୦୦ ଟଙ୍କା